# ପରିବର୍ତ୍ତନ ହୋଇଛି ବିଶ୍ୱ ଗଣମାଧ୍ୟମର ଚିତ୍ର

## ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ


ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ,୧୬।୧୧(ରତନ ନାୟାର)**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ହଲ୍‌ଠାରେ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଶନିବାର ପାଳିତ ହୋଇଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇବା ସହ ଗଣମାଧ୍ୟମ ପରିବର୍ତ୍ତିତ ସ୍ୱରୂପ ବିଷୟବସ୍ତୁ ଉପରେ ମତରଖି କହିଲେ, ଗଣମାଧ୍ୟମ ହେଉଛି ସମାଜର ଦର୍ପଣ। ସମାଜରେ ଘଟୁଥିବା ସମସ୍ତ ନୀତି-ଅନୀତି, ଉନ୍ନତି-ଅବନତି ଏବଂ ମତ ଓ ଭିନ୍ନମତକୁ ଲୋକ ଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ। ଏହି ଦାୟିତ୍ୱକୁ ଯେଉଁ ଗଣମାଧ୍ୟମ ଠିକ୍ ଭାବେ ତୁଲାଇ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଅନ୍ତି, ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ପରିବର୍ତ୍ତନ ସତ୍ତ୍ୱେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହୋଇ ଠିକ୍ ତଥ୍ୟ ଲୋକ ଲୋଚନକୁ ଆଣିବା ସହ ଜନସାଧାରଣଙ୍କ ଆଗରେ ସତ୍ୟତା ପ୍ରତିପାଦନ କରିବା ହେଉଛି ସାମ୍ବାଦିକତାର ମୂଳମନ୍ତ୍ର। ତେଣୁ ଗଣମାଧ୍ୟମ ଏହି ମୂଳମନ୍ତ୍ରକୁ ପାଥେୟ କରି କାର୍ଯ୍ୟ କରିବା ସହ ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ଜରୁରୀ ବୋଲି ଜିଲାପାଳ କହିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଜନସଞ୍ଚାର ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ସାମ୍ବାଦିକତା ମାଧ୍ୟମରେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ତେଣୁ ସମୟ ସହ ତାଳ ମିଶାଇ ନିଜର କୌଶଳ ପରିବର୍ତ୍ତନ କରିବା ଆବଶ୍ୟକ। ବର୍ତ୍ତମାନର ପିଢି ସୋସିଆଲ ମିଡିଆ ଉପରେ ଅଧିକ ନିର୍ଭରଶୀଳ। ଫଳରେ ଛାପା ଗଣମାଧ୍ୟମ ବ୍ୟାପକ ଭାବେ କ୍ଷତି ସହୁଛି। ତେଣୁ ଏ ବିଷୟରେ ଆଜିର ଯୁବପିଢିଙ୍କୁ ସଚେତନ କରାଇବା ଆମର କର୍ତ୍ତବ୍ୟ ବାଲି କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ରଥ, ଅମୀୟ ଚାନ୍ଦ, ପ୍ରତାପ ବରାଳ, ରତନ ନାୟାର, ସତ୍ୟ ସ୍ୱରୂପ ଦାସ, ଆଇଆଇଏମ୍‌ସିର ଆସୋସିଏଟ ପ୍ରଫେସର ବିରଞ୍ଚି ନାରାୟଣ ସେଠ ପ୍ରମୁଖ ଜାତୀୟ ପ୍ରେସ୍ ଦିବସ ସମ୍ପର୍କରେ ମତ ରଖି ଗଣମାଧ୍ୟମ ପ୍ରତିନିଧିମାନେ ସାମ୍ବାଦିକତାର ଗରିମାକୁ ବଜାୟ ରଖିବା, ଦାୟିତ୍ୱ ସମ୍ପନ୍ନ ସାମ୍ବାଦିକତା କରିବା ଓ ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜନଜାତୀୟ ଗୌରବ ଦିବସ


ସପ୍ତଶଯ୍ୟା ଆଶ୍ରମ ବିଦ୍ୟାଳୟରେ ଜନଜାତୀୟ ଗୌରବ ଦିବସ ପାଳନ କରାଯାଉଛି।

**ଢେଙ୍କାନାଳ,୧୬।୧୧(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ବ୍ଲକ ସପ୍ତଶଯ୍ୟା ଆଶ୍ରମ ବିଦ୍ୟାଳୟ ପରିସରରେ ଜନଜାତିଙ୍କ ଧରତୀ ଆବା ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଜନଜାତୀୟ ଗୌରବ ଦିବସ ଓ ମାତାପିତା ସହଭାଗିତା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ନାଏବ ସରପଞ୍ଚ ଜ୍ୟୋସ୍ନାମୟୀ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ସପ୍ତଶଯ୍ୟା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କାମଦେବ ପ୍ରଧାନ ଯୋଗଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଦୁଃଖିଆ ମାରାଣ୍ଡି ସଭାପତିତ୍ୱ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜନ କୁମାର ସାହୁ ଛାତ୍ରଛାତ୍ରୀଙ୍କ ଉନ୍ନତି ନିମନ୍ତେ ଅଭିଭାବକଙ୍କ ନିକଟରେ କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ କଥା ରଖିଥିଲେ। ଶିକ୍ଷକ ଆଦିତ୍ୟ କୁମାର ପରିଡା ବିର୍ସା ମୁଣ୍ଡାଙ୍କ ତ୍ୟାଗପୂତ ଜୀବନୀ, ଓଡ଼ିଶା ପ୍ରତି ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଦିଲୀପ କୁମାର ଚୌଧୁରୀ ପୂର୍ଣ୍ଣ ସହଯୋଗ କରିଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ଶୁଭସ୍ମିତା ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସୁକାନ୍ତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଉତ୍ତମ ଚରିତ୍ର ଗଠନ କରି ସୁନାଗରିକ ହୁଅ


ଜନଜାତି ଗୌରବ ଦିବସ ପାଳନ କରାଯାଉଛି।

**ଢେଙ୍କାନାଳ,୧୬।୧୧(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ଚନ୍ଦ୍ରଶେଖର ପ୍ରସାଦ ସେବାଶ୍ରମରେ ଜନଜାତି ଗୌରବ ଦିବସ ତଥା ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶୟନ କୁମାର ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଦସ୍ୟ ଅଶୋକ କୁମାର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶର ସ୍ୱାଧୀନତା ସଂଗ୍ରାମରେ ବିର୍ସା ମୁଣ୍ଡାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଚନ୍ଦ୍ରଶେଖର ପ୍ରସାଦ ସିଆର୍‌ସିସି ନୃସିଂହ ଚରଣ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ବିର୍ସା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭବିଷ୍ୟତ ଗଢ଼ିତୋଳିବାକୁ ପରାମର୍ଶ ଦେଇଥିଲେ। ଅଉଖମା ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଚରିତ୍ର ଗଠନ କରି ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଯୋଗମାୟା ଗଡ଼ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷକ ତାରିଣୀ ପ୍ରସାଦ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। କମିଟି ସଭାପତି ସୁଧୀର କୁମାର ଦାସ ଓ ଚନ୍ଦ୍ରଶେଖର ପ୍ରସାଦ ଗ୍ରାମବାସୀ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଆକର୍ଷଣୀୟ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ବିକଶିତ ଭାରତ ଗଠନରେ ସମବାୟର ଭୂମିକା ଉପରେ ଗୁରୁତ୍ୱ

**ଢେଙ୍କାନାଳ,୧୬।୧୧(ରତନ ନାୟାର)**


ସମବାୟ ବିଭାଗ ପକ୍ଷରୁ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ ଅତିଥିମାନେ।

୭୧ତମ ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଉପଲକ୍ଷେ ଢେଙ୍କାନାଳ ସମବାୟ ବିଭାଗ ଉପନିବନ୍ଧକଙ୍କ ସମ୍ମିଳନୀ କକ୍ଷରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉପନିବନ୍ଧକ ସରୋଜିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ନିଖିଳ ଭାରତ ସମବାୟ ସପ୍ତାହ ପାଳନର ଆଭିମୁଖ୍ୟ, ଆବଶ୍ୟକତା, ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ବିକଶିତ ଭାରତ ଗଠନରେ ସମବାୟର ଭୂମିକା ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସମସ୍ତେ ଏଥିରେ ସାମିଲ ହେବାକୁ ଦୃଢ଼ ଆହ୍ୱାନ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ସହନିବନ୍ଧକ ଦୀପାଞ୍ଜଳି ସିଂ, ବିରଜାନନ୍ଦ ଦାଶ, ଅମରଜୟ ଦାଶ ଓ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜିଲା ସଂଯୋଜକ ଡ. ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦାନ କରି ସମୟର ଆହ୍ୱାନ ଓ ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ସମବାୟ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ' ଗଠନ ଦିଗରେ ସହାୟକ ହେବ ବୋଲି ଦୃଢ଼ ଆଶା ଓ ବିଶ୍ୱାସ ପୋଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର ଶାନ୍ତିପାଠ କରିଥିଲେ। ସହ ନିବନ୍ଧକ ଢେଙ୍କାନାଳ ଦୀପାଞ୍ଜଳି ସିଂ ଉପସ୍ଥିତ ଛାତ୍ରୀଛାତ୍ର, ମାର୍ଗଦର୍ଶକ ଶିକ୍ଷୟିତ୍ରୀ, ଶିକ୍ଷକ, ମାତାପିତା, ଅଭିଭାବକ, କାର୍ଯ୍ୟାଳୟର ଅଧିକାରୀ ଗଣ ଓ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଣ୍ଡିତ ରାମେଶ୍ୱର ମିଶ୍ରଙ୍କ ପରଲୋକ

**ଢେଙ୍କାନାଳ,୧୬।୧୧(ରତନ ନାୟାର)**


ରାମେଶ୍ୱର ମିଶ୍ର।

ଢେଙ୍କାନାଳ ସହରସ୍ଥିତ ମୁକ୍ତାଦେଇପୁର ଶାସନ ଅଞ୍ଚଳରେ ବସବାସ କରୁଥିବା ପଣ୍ଡିତ ରାମେଶ୍ୱର ମିଶ୍ର(୮୩)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ ଶିକ୍ଷକତା ସହିତ ଜ୍ୟୋତିଷ ବିଦ୍ୟାରେ ମଧ ପାରଙ୍ଗମ ଥିଲେ। ସେ ଦୀର୍ଘଦିନ ଧରି ଲକ୍ଷ୍ମୀଧର ମ୍ୟୁନିସିପାଲ ହାଇସ୍କୁଲରେ ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟଙ୍କ ସମେତ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ବଡ଼ପୁଅ ଆଶିଷ ମିଶ୍ର ମୁଖାଗ୍ନି ଦେଇଥିଲେ।

# ଘରେ ପଶି ମହିଳାଙ୍କୁ ଖଣ୍ଡାରେ ଆକ୍ରମଣ

**ଢେଙ୍କାନାଳ,୧୬।୧୧(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ଥାନା ରାଧାଦେଇପୁର ପଞ୍ଚାୟତ ନୂଆଗଡ ଗ୍ରାମର ସୁଦର୍ଶନ ଦାଶଙ୍କ ଘରେ ୨ ଜଣ ଦୁର୍ବୃତ୍ତ ପଶି ତାଙ୍କ ସ୍ତ୍ରୀ ସରିତା ଦାଶଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ସୂଚନା ମିଳିଛି। ପଡ଼ୋଶୀମାନେ ଘଟଣାସ୍ଥଳକୁ ଆସିବାରୁ ୨ ଦୁର୍ବୃତ୍ତ ଖଣ୍ଡା ଛାଡି ବାଇକ ଯୋଗେ ଫେରାର ହୋଇଯାଇଥିଲେ। ଗୁରୁତର ସରିତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

# ରାଜ୍ୟ ମହିଳା କ୍ରିକେଟ ଦଳରେ ଭୁବନର ସୁଭଦ୍ରା



**ଭୁବନ,୧୬।୧୧(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ସୁଭଦ୍ରା ମାଝୀ ୧୫ ବର୍ଷରୁ କମ୍ ଓଡ଼ିଶା ମହିଳା କ୍ରିକେଟରେ ପେସ୍ ବୋଲର ଭାବେ ସାମିଲ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସୁଭଦ୍ରା ଭୁବନ ବ୍ଲକ ବାଲିବୋ ପଞ୍ଚାୟତ ବାଉଁଶକଣ ଗ୍ରାମର କେଶରୀ ମାଝୀ ଓ ଅଲିଭା ମାଝୀଙ୍କ କନ୍ୟା। ସେ ଭୁବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ। ଭୁବନ ମିନିଷ୍ଟାଡିୟମରେ ନିୟମିତ ଅଭ୍ୟାସ କରି ଜିଲାସ୍ତରରେ ମନୋନୀତ ହୋଇ ସେ ରାଜ୍ୟସ୍ତରରେ ଫାଷ୍ଟ ବୋଲର ଭାବେ ସାମିଲ ହୋଇଛନ୍ତି। ତାଙ୍କ ସଫଳତା ସହିତ ଭୁବନ କ୍ରିକେଟ ଦଳ ଦିନକୁ ଦିନ ମହିଳା କ୍ରିକେଟରେ ଅନେକ ସଫଳତା ଆଣୁଛି। ତାଙ୍କ ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ସୁରକ୍ଷା, ସ୍ୱାଭିମାନ ବଜାୟ ରଖିବାକୁ ଆହ୍ୱାନ



ଓୟୁଜେ ଢେଙ୍କାନାଳ ଶାଖା ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଉଛି।

**ଢେଙ୍କାନାଳ,୧୬।୧୧(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ିଶା ସାମ୍ବାଦିକ ୟୁନିୟନ ଶାଖା ପକ୍ଷରୁ ଶନିବାର ସହରସ୍ଥିତ ଲେଖକ ସଂସଦ ଭବନଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ବେହେରା, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ପ୍ରସାଦ ରଥ, ସୁକାନ୍ତ ମିଶ୍ର, ଭାରତୀୟ ଜନସଞ୍ଚାର ସଂସ୍ଥାନର ସହକାରୀ ପ୍ରାଧ୍ୟାପକ ଡ. ବିରଞ୍ଚି ନାରାୟଣ ସେଠ୍, ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟ ସ୍ୱରୂପ ଦାସ ପ୍ରମୁଖ ଯୋଗଦେଇ ଚଳିତବର୍ଷର ପ୍ରେସ୍ ଦିବସ ଉପଲକ୍ଷେ ନିର୍ଦ୍ଧାରିତ ବିଷୟବସ୍ତୁ ପରିବର୍ତ୍ତନଶୀଳ ଗଣମାଧ୍ୟମ ସମ୍ପର୍କରେ ଆଲୋକପାତ କରିବା ସହିତ ସାମ୍ବାଦିକମାନଙ୍କର ସୁରକ୍ଷା ଓ ସେମାନଙ୍କ ସ୍ୱାଭିମାନକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଜିଲା ଶାଖା ସଭାପତି ଶିଶିର ଶତପଥୀ ସଭାପତିତ୍ୱ କରିଥିଲେ। ଖବରଦାତାମାନଙ୍କ ମଧ୍ୟରେ ଅମ୍ବିକା ପ୍ରସାଦ ପଟ୍ଟନାୟକ, ରତନ ନାୟାର, ରାଜଶ୍ରୀ ଶତପଥୀ, ଶିବାସ ନାୟକ, ରାଜେଶ ଦେହୁରୀ, ଅମୀୟ ଚାନ୍ଦ, ସରୋଜ ଶତପଥୀ ପ୍ରମୁଖ ଉଦ୍‌ବୋଧନ ପ୍ରଦାନ କରି ପରିବର୍ତ୍ତନଶୀଳ ଯୁଗରେ ଗଣମାଧ୍ୟମର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଆଦିତ୍ୟ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବାରିହାପୁର ଆଦର୍ଶ ବିଦ୍ୟାଳୟ ଛାତ୍ରଙ୍କୁ ପ୍ରଥମ ସ୍ଥାନ

**ପରଜଙ୍ଗ,୧୬।୧୧(ନିଗମାନନ୍ଦ ଦଳବେହେରା)**

ପରଜଙ୍ଗ ବ୍ଲକ ବାରିହାପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ସ୍ୱସ୍ତିକ ସ୍ୱାଗତମ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମର ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଅତିଥିଙ୍କ ଠାରୁ ଟ୍ରଫି ସହିତ ମାନପତ୍ର ପାଇଛନ୍ତି। ଏହାକୁ ନେଇ ପରଜଙ୍ଗ ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। ସ୍ୱସ୍ତିକଙ୍କ ବାପା ଚିତ୍ତରଞ୍ଜନ ସାହୁ ଜିଏମ୍ ଆଇରନ ପ୍ଲାଣ୍ଟର ମାନବ ସମ୍ବଳ ଅଧିକାରୀ ଏବଂ ମା' ନିରୁପମା ସାହୁ ସୁଗୃହିଣୀ। ବଡ଼ବାପା ନିହାର ରଞ୍ଜନ ସାହୁ ପରଜଙ୍ଗ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଏବଂ ବଡ଼ମା' ପ୍ରତିଭା ବିଶ୍ୱାଳ ଅଷ୍ଟଶମ୍ଭୁ ବିଦ୍ୟା ନିକେତନ କୁଆଳୋର ପ୍ରଧାନ ଶିକ୍ଷୟିତ୍ରୀ।



# ବିଶ୍ୱାସ, ଶ୍ରଦ୍ଧାର ସହ କର୍ମ କଲେ ସଫଳତା ମିଳିବ


ନୃତ୍ୟାଙ୍ଗନାର ଦ୍ୱିତୀୟ କଲମକାରୀ ଶିଶୁ ମହୋତ୍ସବ ଅବସରରେ ଅତିଥିମାନେ।

**ଢେଙ୍କାନାଳ,୧୬।୧୧(ରତନ ନାୟାର)**

ଢେଙ୍କାନାଳ ଜିଲା ଲେଖକ ସଂସଦ ଭବନ ଠାରେ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ନୀତା ନୃତ୍ୟାଙ୍ଗନାର ଦ୍ୱିତୀୟ କଲମକାରୀ ଶିଶୁ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାର ବିଚାରକ ଭାବେ ଅଭିନବ ବରାଳ ଓ ବିଜୟ କୁମାର ସ୍ୱାଇଁ ଯୋଗଦାନ କରିଥିଲେ। ସନ୍ଧ୍ୟା ଅଧିବେଶନରେ ଅନୁଷ୍ଠାନର ନିର୍ଦ୍ଦେଶକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଣ୍ଟଫର୍ଟ ସ୍କୁଲ୍‌ର ଫାଦର ଆଲ୍‌ବିନିୟସ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ମନୋଜ କୁମାର ରାଉତ, ଉପଦେଷ୍ଟା ଆଡଭୋକେଟ୍ ଦୀପକ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି ପିଲାମାନେ ନିଷ୍ଠା, ବିଶ୍ୱାସ ଓ ଶ୍ରଦ୍ଧାର ସହିତ କର୍ମ କଲେ ସଫଳତା ଅବଶ୍ୟ ମିଳିବ ବୋଲି କହିଥିଲେ। ସମ୍ପାଦକ ଗୁରୁ ଆଶିଷ କୁମାର ପାଲ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ମ୍ୟାଜିକ୍ ଶୋ ପ୍ରଦର୍ଶନ ସହ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା। ଅଜିତ୍ କୁମାର ପାଲ, ସାଇ ଶୁଭମ ଦାସ, ବର୍ଷାରାଣୀ ରଣା, ଈପ୍‌ସିତା ସ୍ୱାଇଁ, ସାଗରିକା ଶତପଥୀ, ପ୍ରତିଭା ସ୍ୱାଇଁ, ନିଲମ, ବବିତା ରାଉତ, ବିଶ୍ୱଜିତ ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।

# ଢେଙ୍କାନାଳର କଳାକାର ସଂସ୍କାରଧର୍ମୀ

## କପିଳାସ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ଢେଙ୍କାନାଳ,୧୬।୧୧(ରତନ ନାୟାର)**



କପିଳାସ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳର ସାଂସ୍କୃତିକ ଓ ସାହିତ୍ୟ ଅନୁଷ୍ଠାନ ମାଇକ୍ରୋମିଡିଆର ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ହେଉଥିବା କପିଳାସ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟା ଗୋପବନ୍ଧୁ ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ମାଇକ୍ରୋମିଡିଆ ନିର୍ଦ୍ଦେଶକ ଅଥୟ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆବାହକ ସୌମ୍ୟବ୍ରତ ସାହୁ ବିବରଣୀ ପ୍ରଦାନ କରିଥିଲେ। ପରେଶ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ କହିଲେ, ଢେଙ୍କାନାଳ କଳା, ସଂସ୍କୃତିର ମାଟି। ଜିଲାର ବହୁ ପ୍ରତିଭାବାନ କଳାକାର ଜାତୀୟସ୍ତରରେ ନିଜକୁ ପ୍ରତିପାଦିତ କରିବା ସହିତ ଜିଲା ପାଇଁ ଗୌରବ ଆଣିଛନ୍ତି। ଢେଙ୍କାନାଳ ଜିଲାର କଳା, ସଂସ୍କୃତି ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ କଳାକାରମାନେ ସଂସ୍କାରଧର୍ମୀ, ଯାହାକି ଅନ୍ୟମାନଙ୍କ ପାଇଁ ଆଦର୍ଶ କହିଲେ ଅତ୍ୟୁକ୍ତି ହେବ ନାହିଁ। ମୁଖ୍ୟବକ୍ତା ଭାବେ ଯୋଗଦେଇ ପୌରସଂସ୍ଥା ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର କହିଲେ, ପ୍ରତିଭାବାନ କଳାକାର ସୃଷ୍ଟି କରି ସେମାନଙ୍କୁ ଜାତୀୟ ଓ ରାଜ୍ୟସ୍ତରରେ ପ୍ରତିଷ୍ଠିତ କରିବାରେ ମାଇକ୍ରୋମିଡିଆର ଉଦ୍ୟମ ପ୍ରଶଂସନୀୟ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚଳଚ୍ଚିତ୍ର ଅଭିନେତ୍ରୀ ରାଲି ନନ୍ଦ କହିଲେ, ପିଲାଟି ଦିନରୁ ମାଇକ୍ରୋମିଡିଆ ଅନୁଷ୍ଠାନରେ ନୃତ୍ୟ ପ୍ରଦର୍ଶନ କରି ଅଭିନୟ କ୍ଷେତ୍ରରେ ସଫଳତା ହାସଲ କରିଥିଲେ। ପ୍ରତିଭାବାନ କଳାକାର ସୃଷ୍ଟି କରି ଏହି ଅନୁଷ୍ଠାନ ନିଜର ଗୌରବକୁ ବଜାୟ ରଖିଛି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ସାମାଜିକ କର୍ମୀ ସୁକାନ୍ତ ମିଶ୍ର, ଜିଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ସତ୍ୟ ସ୍ୱରୂପ ଦାସ ପ୍ରମୁଖ ପ୍ରତିଭାବାନ କଳାକାର ସୃଷ୍ଟି କରି ଢେଙ୍କାନାଳ ଜିଲା ରାଜ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଅନୁଷ୍ଠାନଗୁଡିକୁ ପ୍ରୋତ୍ସାହିତ କଲେ କଳାକାରମାନେ ଆଗକୁ ବଢିବେ ବୋଲି କହିଥିଲେ। ଏହି ଅବସରରେ ଖବରଦାତା ଆଶିଷ ଶତପଥୀ, ସାହିତ୍ୟିକ ନିମାଇଁ ଚରଣ ନାୟକ, ଆଇନଜୀବୀ ଲଳିତ ମିଶ୍ର, କଣ୍ଠଶିଳ୍ପୀ ଆଦିତିକ୍ରିଷ୍ଣା, ପପୁଲାର କ୍ଲବ ନରଣପୁରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶାନ୍ତ ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଦୀପ୍ତିବାଳା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ରବିବାର କପିଳାସ ମହୋତ୍ସବର ଉଦ୍‌ଯାପିତ ହେବ।

**ଘରୁ ନାଗ ସାପ ଉଦ୍ଧାର**

ବଇଣ୍ଡା, (ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମର ଶିବ ଗୁପ୍ତାଙ୍କ ଘରୁ ଏକ ନାଗ ସାପ ଶନିବାର ଉଦ୍ଧାର କରାଯାଇଛି। ଖବର ପାଇ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥ ଶିବଙ୍କ ଘରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ନାଗ ସାପକୁ ଉଦ୍ଧାର କରିଥିଲେ। ପରେ ହଣ୍ଡପା ବନ ବିଭାଗ ଜରିଆରେ ଉକ୍ତ ସାପକୁ ଜଙ୍ଗଲରେ ଛଡା ଯାଇଥିଲା।



# ଖବର ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଏ

## ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

**ଅନୁଗୋଳ,୧୬।୧୧ (ମାନସ ବିଶ୍ୱାଳ)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ପୌର ପରିଷଦ ଟାଉନ ହଲ୍‌ଠାରେ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଏଥିରେ ଅଧ୍ୟକ୍ଷତା କରି ଗଣମାଧ୍ୟମ ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇ ଜନସମାଜର ବିକାଶ ସହିତ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଥାଏ ବୋଲି ମତ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ଶିକ୍ଷାବିତ୍ ପ୍ରଫେସର ଶାନ୍ତନୁ କୁମାର ସର ଯୋଗଦେଇ ଠିକ୍ ତଥ୍ୟ ଲୋକଲୋଚନକୁ ଆଣିବା ସହ ଜନସାଧାରଣଙ୍କ ଆଗରେ ସତ୍ୟତା ପ୍ରତିପାଦନ କରିବା ହିଁ ସାମ୍ବାଦିକତାର ମୂଳମନ୍ତ୍ର ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ.ଧରଣୀଧର ନାଥ ସାମ୍ପ୍ରତିକ ନୂତନ ଡିଜିଟାଲ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ମେଧା) ଯୁଗରେ ବିଭିନ୍ନ ଉପକରଣ ବ୍ୟବହାର କରି ଠିକ୍ ସୂଚନା ଲୋକମାନଙ୍କ ପାଖରେ ପରିବେଷଣ କରିବା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଓ ଉପଖଣ୍ଡ ସ୍ତରରୁ ଆସିଥିବା ଖବରଦାତାଙ୍କ ସମେତ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ।

# କେନାଲରୁ ଯୁବକଙ୍କ ମୃତଦେହ ଜବତ

**ଅନୁଗୋଳ,୧୬।୧୧ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଟାଉନ ଥାନା ପୋଲିସ ଭଣ୍ଡୁବର କେନାଲରେ ପଡ଼ିଥିବା ହେମସୁରପଡା ନାଖରା ସାହିର କାଠି ବେହେରା(୪୫)ଙ୍କ ମୃତଦେହ ଶନିବାର ଜବତ କରିଛି। ସୂଚନା ଅନୁଯାୟୀ, କେନାଲରେ ଏକ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ପୋଲିସକୁ ସୂଚନା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଯୁବକଙ୍କ ପରିଚୟ ପାଇଥିଲା। କାଠି କିଛି ଦିନ ହେବ ଘରକୁ ଆସୁ ନ ଥିବାରୁ ପରିବାର ଲୋକେ ଖୋଜାଖୋଜି କରୁଥିଲେ। ତେବେ କେଉଁଆଡେ ଯାଇଥିବାରୁ ଫେରି ଆସିବେ ବୋଲି ଘର ଲୋକ ଭାବି ଥାନାରେ କିଛି ଜଣାଇ ନ ଥିଲେ ବୋଲି କହିଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଶିଶୁକନ୍ୟାଙ୍କ ସୁରକ୍ଷା, ଯତ୍ନ ଉପରେ ଗୁରୁତ୍ୱାରୋପ

**ବଇଣ୍ଡା, ୧୬।୧୧ (ପରିକ୍ଷିତ ସାହୁ)**



କିଶୋରନଗର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ କିଶୋରନଗର ଉଚ୍ଚ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ସିଡିପିଓ ଆରତୀ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ତହସିଲଦାର ମନୋଜ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ କିଶୋରନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ଯୋଗଦେଇ ଶିଶୁକନ୍ୟା ପ୍ରତି ସମ୍ବେଦନଶୀଳ ଭାବ ରଖିବା ସହିତ ସେମାନଙ୍କ ସୁରକ୍ଷା ଓ ଯତ୍ନର ଏକାନ୍ତ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀ ବିଜୟାଲକ୍ଷ୍ମୀ ସାହୁ, ରତ୍ନମଞ୍ଜରୀ ବାରିକ, ସ୍ନେହାମୟୀ ସାହୁ, ଡାଜଲିଙ୍ଗ ବିଶ୍ୱାଳଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଭୈରବ କୁମାର ଦେହୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିନାୟକ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି, ପ୍ରସନ୍ନ କୁମାର ପ୍ରଧାନ, ଜାଗ୍ରତ ସ୍ୱାଇଁ, ମୃତ୍ୟୁଞ୍ଜୟ ଦୀପ, ହେମା ଦେଇ, ପଙ୍କଜିନୀ ସାହୁ, ପ୍ରମୋଦିନୀ ପ୍ରଧାନ, ଶୁଭଲକ୍ଷ୍ମୀ ସାହୁ ତଥା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ସୁପରଭାଇଜର ରେଣୁବାଳା ବେହେରା, ଅସ୍ମିତା ସାହୁ, ଦେବକୀ ଦନ୍ତା, ମମତା ପିଏ, ସଞ୍ଜୀବ ସାହୁ, ଋଷଭ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଦୃଷ୍ଟିବାଧିତଙ୍କ ଗହଣରେ ପ୍ରେସ୍ ଦିବସ

**ବଣଁରପାଳ,୧୬।୧୧ (ସୁବାସ ସାହୁ)**

ଜର୍ନାଲିଷ୍ଟ ଆସୋସିଏଶନ ଅଫ ଅନୁଗୋଳ (ଜେଏଏ), ରାଜ୍ୟ ସାମ୍ବାଦିକ ସଂଘ ଓ ଅନୁଗୋଳ ଶାଖା ସଭାପତି ବିରଜା ଶଙ୍କର ମିଶ୍ର ଏବଂ ସାଧାରଣ ସମ୍ପାଦକ ବନମାଳୀ ନାଏକଙ୍କ ତତ୍ତ୍ୱାବଧାନରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏସ୍‌ୟୁଜେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ପ୍ରେରଣାରେ ନାଲ୍‌କୋନଗର ନିକଟସ୍ଥ ଗୋପୀନାଥପୁର ଗ୍ରାମ କେଦାରଗୌରୀ ଭିନ୍ନକ୍ଷମ ଦୃଷ୍ଟିବାଧିତ ଧନ୍ଦାମୂଳକ ତାଲିମ କେନ୍ଦ୍ର ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଲକୋ ଥାନା ଆଇଆଇସି ପ୍ରଦୀପ କୁମାର ମହନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅସହାୟଙ୍କ ପ୍ରତି ସହାନୁଭୂତି ଓ ସହଯୋଗ କରି ସେମାନଙ୍କ ମୁହଁରେ ହସ ଦେଇପାରିଲେ ତାହା ଆମ ପାଇଁ କଲ୍ୟାଣ ହୋଇଥାଏ ବୋଲ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏସ୍‌ୟୁଜେ ଅନୁଗୋଳ ସାଙ୍ଗଠନିକ ସମ୍ପାଦକ ସୌଭାଗ୍ୟ ମହାରଣା, କୋଷାଧ୍ୟକ୍ଷ ସଞ୍ଜୟ ସିଂ, ସୁବାସ ଚନ୍ଦ୍ର ସାହୁ, ସୁଜିତ ବେହେରା, ଜଗନ୍ନାଥ ସେଠ, ସୁଶାନ୍ତ ରାଉତ ସହଯୋଗ କରିଥିଲେ।




# ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ




ତାଳଚେର ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ତାଳଚେର,୧୬।୧୧ (ମନୋଜ ନନ୍ଦ)**

ତାଳଚେର ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ହାଟତୋଟାସ୍ଥିତ ସାମ୍ବାଦିକ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ମହେଶ ସାହୁ ଯୋଗଦେଇ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟବକ୍ତା ଭାବେ ତାଳଚେର କଲେଜ ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଦେବୀ ପ୍ରସାଦ ରଥ ଓ ପୂର୍ବତନ ନଗରପାଳ କେଶବ ଭୂତିଆ ଯୋଗଦେଇ ସୁସ୍ଥ ସମାଜ ଗଠନ ପାଇଁ ଗଣମାଧ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପସଭାପତି ଦେବୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ, ସରକାରୀ ଓକିଲ, ବରିଷ୍ଠ ଆଇନଜୀବୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ମହିଳା ସଙ୍ଗଠନ ଓ କବୟିତ୍ରୀ, କବି, ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଣମାଧ୍ୟମ ସମ୍ପର୍କିତ ପ୍ରେସ ଦିବସର ଆଲୋଚନାଚକ୍ରରେ ଓକିଲ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ।

# ଛାତ୍ରୀଙ୍କୁ ଧମକ ଚମକ ଅଭିଯୋଗ

**ବଇଣ୍ଡା, ୧୬।୧୧ (ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ପାଇକସାହି ରାଧାମାଧବ ହାଇସ୍କୁଲ ଛାତ୍ରାବାସର କେତେଜଣ ଛାତ୍ରୀଙ୍କୁ ଶିଶୁ ଦିବସରେ ପ୍ରଧାନ ଶିକ୍ଷକ କାଠ ବୁହାଉଥିବା ଅଭିଯୋଗ ଏବେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହେଉଛି। ଏପରି କି ଜଣେ ଶିକ୍ଷକ ସମ୍ପୃକ୍ତ ଛାତ୍ରୀମାନଙ୍କ ପାଖକୁ ଯାଇ ସେମାନେ କାଠ ସେମାନଙ୍କ ଇଚ୍ଛାରେ ବୋହୁଥିବା ପ୍ରଶାସନିକ ଅଧିକାରୀଙ୍କ ନିକଟରେ କହିବାକୁ ଧମକାଉଥିବା ଛାତ୍ରୀମାନେ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ସେହିପରି ସମ୍ପୃକ୍ତ ଛାତ୍ରୀମାନଙ୍କ ଠାରୁ ଶିକ୍ଷକ ଜଣକ ଦରଖାସ୍ତ ଲେଖି ନେଇଥିବା ପାଇକସାହି ଗ୍ରାମର ଯୁବ ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ଆଠମଲ୍ଲିକ ବିଇଓ ଦାଶରଥି ଶୁଣ୍ଡୀ କହିଛନ୍ତି, ଘଟଣା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ତଦନ୍ତ କରିବେ।

# ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



**ବଣଁରପାଳ,୧୬।୧୧ (ସୁବାସ ସାହୁ)**

ବଣଁରପାଳ ବ୍ଲକ କୁଲାଡ଼ ଏଫ୍‌ସିଆଇ ରୋଡ୍‌ରେ ଥିବା ଓମ୍ ସାଇ ନର୍ସିଂହୋମ ଠାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ, ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଓମ୍ ସାଇ ନର୍ସିଂହୋମ୍ ମ୍ୟାନେଜିଂ ଡାଇରେକ୍ଟର ନାରାୟଣ ବେହେରା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ରକ୍ତ ଚାପ, ଡାଇବେଟିସ, ୟୁରିକ ଏସିଡ, ହେମୋଗ୍ଲୋବିନ, ସ୍ନାୟୁ ପରୀକ୍ଷା ସହ ରୋଗର କାରଣ ନିରାକରଣ ସମ୍ପର୍କରେ ଡାକ୍ତର ସୌମ୍ୟରଞ୍ଜନ ବେହେରା ରୋଗୀଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରକାର ରୋଗରେ ପୀଡ଼ିତ ଆଖପାଖ ଅଞ୍ଚଳରୁ ଶତାଧିକ ରୋଗୀ ଏହି ଶିବିରରେ ଉପସ୍ଥିତ ରହି ଡାକ୍ତରଙ୍କ ଠାରୁ ପରାମର୍ଶ ନେଇଥିଲେ। ନର୍ସିଂହୋମ୍ କର୍ମଚାରୀ, ସ୍ୱେଚ୍ଛାସେବୀମାନେ ସହାୟତା କରିଥିଲେ।

# ପାଲଲହଡ଼ାରେ ଜାତୀୟ ପ୍ରେସ୍ ଦିବସ




**ପାଲଲହଡା,୧୬।୧୧ (ଦିବ୍ୟଜ୍ୟୋତି ଦାଶ)**

ପାଲଲହଡା ଇନ୍‌ଡୋର ଷ୍ଟାଡିୟମ ଠାରେ ଉପଖଣ୍ଡସ୍ତରୀୟ କାର୍ଯ୍ୟରତ ସାମ୍ବାଦିକ ସଂଘ ପାଲଲହଡା ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ ମହାନ୍ତି, ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଦିଲୀପ କୁମାର ବାରା, ମୁଖ୍ୟବକ୍ତା ଭାବେ ମାଲ୍ୟଗିରି ମହାବିଦ୍ୟାଳୟ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ସଂଘ ସଭାପତି ଖଗେଶ୍ୱର ଦାଶ ସଭାପତିତ୍ୱ କରିଥିଲେ ଏବଂ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମା’ ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଯାଇଥିଲା। ଉପସଭାପତି ରବିନାରାୟଣ ପ୍ରଧାନ, ଦିବ୍ୟଜ୍ୟୋତି ଦାଶ ଓ ଦେବଦତ୍ତ ସାହୁ, ହରିଶ ଚନ୍ଦ୍ର ଦାସ, ଖଗେଶ୍ୱର ମହାନ୍ତ, ସୁବ୍ରତ କୁମାର ଦାଶ, ଶିଶିର କୁମାର ଆଚାର୍ଯ୍ୟ, ଲିଙ୍ଗରାଜ ସାହୁ, ପ୍ରତିମଞ୍ଜରୀ ମହାନ୍ତି, ରଜନୀ ନାଏକ, ଦୀପ୍ତି ପ୍ରକାଶ ଉଦାବଳ, ଭୂପେନ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ଲକସ୍ତରୀୟ ସାମ୍ବାଦିକ ସଂଘ ପକ୍ଷରୁ ଶରତଚନ୍ଦ୍ର କ୍ଲବ ଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଥିବା ବେଳେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା କ୍ଲବ କାର୍ଯ୍ୟାଳୟଠାରେ ମଧ୍ୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି।

# ପେନ୍‌ସନ ନିୟମ ସଂଶୋଧନ କରିବାକୁ ଦାବିପତ୍ର

**ଅନୁଗୋଳ,୧୬।୧୧ (ଜ୍ୟୋତିରଞ୍ଜନ ସାହୁ)**




ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ପେନ୍‌ସନଭୋଗୀ ସଂଘ ପକ୍ଷରୁ ୪ଟି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମସ୍ତ ପେନସନଧାରୀ ଇପିଏସ୍ ୯୫କୁ ସଂଶୋଧନ କରିବା ପାଇଁ ଧାରଣାରେ ବସିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଇପିଏସ ୯୫ ପେନସନ ସ୍କିମ ଅନ୍ତର୍ଭୁକ୍ତ ହିତାଧିକାରୀ ପାଉଥିବା ରାଶି ୧୦୦୦ ଟଙ୍କା ଥିବାବେଳେ ସେଥିରେ ଘର ଚଲେଇବା କି ଦରକାର ହେଉଥିବା ଅତ୍ୟାବଶ୍ୟକ ଜିନିଷ ଆଣିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସର୍ବନିମ୍ନ ଏହି ରାଶି ୯ ହଜାର ଟଙ୍କାକୁ ବର୍ଦ୍ଧିତ କରିବା ପାଇଁ ସଂଘ ପକ୍ଷରୁ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ପୁନଃ ବିଚାର ପାଇଁ ଅନେକ ବର୍ଷ ଧରି କେନ୍ଦ୍ର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହେଇଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ। ସରକାରଙ୍କ ସ୍ୱାସ୍ଥ୍ୟବୀମା ଯୋଜନାରେ ସମସ୍ତ ପେନସନଧାରୀଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଉ। ସଂଘ ସଭାପତି ବାବାଜୀ ଚରଣ ସାସମଲ, ସମ୍ପାଦକ ଅଶୋକ କୁମାର ପ୍ରଧାନଙ୍କ ସହ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଡିଏସ୍‌ଆର୍ ପଦ୍ଧତିରେ ଧାନଚାଷ ପାଇଁ ଚୁକ୍ତିନାମା

**ତାଳଚେର,୧୬।୧୧ (ମନୋଜ ନନ୍ଦ)**

ସାମାଜିକ ସଙ୍ଗଠନ ସୋସିଆଲ ଡେଭଲପମେଣ୍ଟ ଫାଉଣ୍ଡେଶନ ତାଳଚେର, ଜିଲା ମୁଖ୍ୟ କୃଷି ଅଧିକାରୀ ଅନୁଗୋଳ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ କଣିହାଁ ଓ ଛେଣ୍ଡିପଦା ବ୍ଲକରେ ସ୍ୱଳ୍ପ ସମୟ, ଅଳ୍ପ ଖର୍ଚ୍ଚ ସାଙ୍ଗକୁ ଡିଏସ୍‌ଆର୍ ପଦ୍ଧତି ବିନିଯୋଗ କରି ଚଳିତବର୍ଷ ଓ ଆସନ୍ତା ବର୍ଷ ଚାଷ କରାଯିବା ପାଇଁ ସ୍ଥିର କରାଯାଇଛି। ଏଥିନିମନ୍ତେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। କାର୍ଯ୍ୟକ୍ରମ ବେଳେ ଅନୁଷ୍ଠାନର ପ୍ରୋଗ୍ରାମ ଅଫିସର ମମତାରାଣୀ ବିଶିମାଝୀ, ସମ୍ପାଦକ ବୁଦ୍ଧଦେବ ଦାସ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଏବଂ ପ୍ରଭାତିରାମ ଯୋଗଦାନ କରିଥିଲେ। କୃଷକ ସଶକ୍ତୀକରଣ ବିଭାଗ ତରଫରୁ ପ୍ରଥମ ବର୍ଷ ହେକ୍ଟରକୁ ୨ଟି କିସ୍ତିରେ ୭୦୦୦ ଏବଂ ଦ୍ୱିତୀୟ ବର୍ଷରେ ୫୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।

# କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ପ୍ରେସ୍ ଦିବସ




**ଛେଣ୍ଡିପଦା,୧୬।୧୧ (ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଶନିବାର ସାମ୍ବାଦିକ ସଂଘ କାର୍ଯ୍ୟାଳୟ ସଭାଗୃହରେ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଇଛି। ସଂଘ ସଭାପତି ଲଳିତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଅକ୍ଷୟପାଦ ବେହେରା, ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ଓ ବିଡିଓ ତ୍ରିବିକ୍ରମ କୁମରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆଲୋଚନାଚକ୍ରରେ ଛେଣ୍ଡିପଦା ବ୍ଲକର ପ୍ରତ୍ୟେକ ପଞ୍ଚାୟତରୁ ଜିଲାପରିଷଦ ସଦସ୍ୟ, ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇଥିଲେ। ଦିଲୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ଭାଗୀରଥି ସାହୁ, ଲିଙ୍ଗରାଜ ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ଅଜିତ କୁମାର ଧଳ, ହଟ୍ଟକିଶୋର ଷଡଙ୍ଗୀ, ତ୍ରିବେଣୀ ସାହୁ, ବୁଦ୍ଧଦେବ ବେହେରା, ବିଦ୍ୟୁତ ସିଂନାୟକ ପ୍ରମୁଖ ସହଯୋଗ କରିଥିଲେ। ସଂଘ ସଦସ୍ୟ ତଥା ଜିଲାପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ପଞ୍ଚାୟତ ପ୍ରତିନିଧି ଓ ଖବର କାଗଜର ଏଜେଣ୍ଟ ନୀଳମଣି ପଣ୍ଡାଙ୍କ ସମେତ ଅନ୍ୟ ଏଜେଣ୍ଟମାନେ ଉପସ୍ଥିତ ଥିଲେ।

# ବେଆଇନ ଗୋରୁ ଚାଲାଣ ଅଭିଯୋଗ

**ବଇଣ୍ଡା,୧୬।୧୧(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଅଞ୍ଚଳରୁ କିଛିଦିନ ହେବ ବେଆଇନ ଭାବେ ଗୋରୁ ଚାଲାଣ କରାଯାଉଛି। ତେବେ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେବା ସହ ଏହାକୁ ରୋକିବା ପାଇଁ ପରଶୁମାଳ ଅଞ୍ଚଳବାସୀ ଅନୁଗୋଳ ଜିଲାପାଳଙ୍କୁ ଏକ ଦାବିପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଏହାର ଏକ ନକଲ ଅନୁଗୋଳ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। ଅଞ୍ଚଳବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, କୃତ୍ତିବାସପୁର, କୁରୁମଟାପ, ଆମ୍ବସରମୁଣ୍ଡା, ପାଇକସାହି, କନ୍ତପଡା ପଞ୍ଚାୟତ ଅଞ୍ଚଳରୁ ପ୍ରତିଦିନ ଗୋରୁ ବ୍ୟବସାୟୀମାନେ ଶତାଧିକ ଗୋରୁ ସଂଗ୍ରହ କରି ନାକିଚି, ହଣ୍ଡପା, ହିଞ୍ଜିରିଡା ଦେଇ କଣ୍ଟେନର ସାହାଯ୍ୟରେ ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ପ୍ରତି ବୁଧବାର ଶତାଧିକ ଗୋରୁ ଏହି ଦୁଇ ଥାନା ଦେଇ ଯାଉଥିଲେ ମଧ୍ୟ ପୋଲିସ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। କେତେଜଣ ଅସାଧୁ ପୋଲିସ କର୍ମଚାରୀଙ୍କ ସହଯୋଗ ଯୋଗୁ ଏହି କାରବାର ଚାଲୁଥିବା ନାକିଚି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନୁଗୋଳ ଏସ୍‌ପି ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି ।

# ଖବରଦାତାଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ପ୍ରେରଣା ଯୋଗାଉଛି

**ରାସୋଳ,୧୬।୧୧(ସରୋଜ କୁମାର ମିଶ୍ର)/ ସାତମାଇଲ (ସୁଶାନ୍ତ ପତି)**




ହିନ୍ଦୋଳ ଉପଖଣ୍ଡ ରାସୋଳସ୍ଥିତ ଦାମାନି ପ୍ଲାଜା ପରିସରରେ ହିନ୍ଦୋଳ ସାମ୍ବାଦିକ ସଂଘର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ସଂଘ ସଭାପତି ସୁଶାନ୍ତ ପତିଙ୍କ ପୌରୋହିତ୍ୟରେ ଜାତୀୟ ପ୍ରେସ ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଏସ୍‌ସିବି ସ୍ନାୟୁଶଲ୍ୟ ବିଭାଗ ସହକାରୀ ପ୍ରଫେସର ଡାକ୍ତର ରବିନାରାଣ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ସଂଘ ପ୍ରତିଷ୍ଠାତା ସଦସ୍ୟ ମହେଶ୍ୱର ପଟ୍ଟନାୟକ, ପୂର୍ବତନ ବିଧାୟକ ମହେଶ୍ୱର ନାଏକ, ଶିକ୍ଷାବିତ ରମେଶ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ଶ୍ରୀନିବାସ ମିଶ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ସହିତ ଖବରଦାତାମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରାଷ୍ଟ୍ର ଗଠନରେ ଯୁବପିଢିଙ୍କୁ ପ୍ରେରଣା ଯୋଗାଇପାରୁଛି ବୋଲି କହିଥିଲେ। ଏହି ଅବସରରେ ଡାକ୍ତର ରବିନାରାୟଣ ପଣ୍ଡାଙ୍କୁ ହିନ୍ଦୋଳ ଗର୍ବ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗଣେଶ୍ୱର କ୍ଲବ, ୨ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଉପଖଣ୍ଡର କଲଣ୍ଡା ଗ୍ରାମର କାରଗିଲ ଶହୀଦ ସୁବାସ ଚନ୍ଦ୍ର ପ୍ରଧାନ, ଝାଡବନ୍ଧଗ୍ରାମର ଶହୀଦ ସଞ୍ଜୟ ବେହେରା , କଙ୍କାଳୁଗ୍ରାମର ଶହୀଦ ରମେଶଚନ୍ଦ୍ର ପାତ୍ର ଏବଂ ନୂଆକୋଟ ଗ୍ରାମର ଶହୀଦ ବୁଦ୍ଧିଆ ଗୋଛାୟତଙ୍କ ପରିବାର ବର୍ଗଙ୍କୁ ସମ୍ମାନିତ କରାଯାଇଥିଲା। ସଂଘ ପ୍ରତିଷ୍ଠାତା ସଦସ୍ୟ ମହେଶ୍ୱର ପଟ୍ଟନାୟକ, ନରେଶ ପାଳ, ସୁମନ୍ତ ଦେହୁରୀ, ବ୍ରହ୍ମାନନ୍ଦ ପଟ୍ଟନାୟକ, ସରୋଜ ମିଶ୍ର, ପ୍ରଭାତ ରଞ୍ଜନ ପୃଷ୍ଟି, ବିଶ୍ୱେଶ୍ୱର ସେଠୀ, ରବିନାରାୟଣ ପଟ୍ଟନାୟକ, ଦୀପ୍ତିକାନ୍ତ ପ୍ରଧାନ, ଜଗନ୍ନାଥ ଦାସ, ତ୍ରିଲୋଚନ ପାଳ, ସୌଭାଗ୍ୟ ରଞ୍ଜନ ସର, ସୁଶାନ୍ତ ସାମଲ, ଗୌତମ ମୁଦୁଲି, ପ୍ରଶାନ୍ତ ଜେନାମଣି, ପ୍ରକାଶ ଚନ୍ଦ୍ର ନାୟକ, ଦୁଷ୍ମନ୍ତ ମିଶ୍ର, ତପନ ପରିଡ଼ା, ପ୍ରତାପ ପଟ୍ଟନାୟକ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ବିଶ୍ୱେଶ୍ୱର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

